**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**01st August - 2024**

**News Editor : *Itishree Singh Rathaur***

**************************************

***Desk***

# ବିଧାନସଭା ମୁଲତବୀ

ବିଧାନସଭାର ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଗତକାଲି ଶେଷ ହୋଇଛି । ଚଳିତ ଅଧିବେଶନରେ ୯୫ ହଜାର କୋଟି ଟଙ୍କାର ଲେଖାନୁଦାନ ବିଲ୍ ପାରିତ ହେବା ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି । ଆସନ୍ତା ୨୦ ତାରିଖରୁ ପୁଣି ଥରେ ଅଧିବେଶନ ଆରମ୍ଭ ହେବ । ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବ୍ୟୟ ମଞ୍ଜୁରି ବିଧେୟକ ଅନୁମୋଦନ ପାଇଁ ସେପ୍ଟେମ୍ବର ୧୦ ତାରିଖରେ ଗୃହରେ ଉପସ୍ଥାପନ କରାଯିବ ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ, ଗତ ୨୨ ତାରିଖରୁ ବଜେଟ୍ ଅଧିବେଶନ ଆରମ୍ଭ ହୋଇଥିଲା । ୨୫ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରାଯାଇଥିଲା ।

*Desk*

# ଫସଲବୀମା

ଖରିଫ୍ ଋତୁ ୨୦୨୪ ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ପଞ୍ଜୀକରଣ ଅବଧିକୁ ଆସନ୍ତା ୧୦ ତାରିଖ ଯାଏ କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି । ଜୁଲାଇ ୨୪ରୁ ଆରମ୍ଭ ହୋଇଥିବା ପଞ୍ଜୀକରଣର ସମୟସୀମା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ରହିଥିଲା । ଏଥିସହ ପଞ୍ଜୀକରଣ ପାଇଁ ଜାତୀୟ ଫସଲ ବୀମା ପୋର୍ଟାଲ୍ ଖୋଲା ରହିବ ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

*Desk*

# ମୁଖ୍ୟମନ୍ତ୍ରୀ – ସାମ୍ବାଦିକ

ରାଜ୍ୟରୁ ପ୍ରକାଶ ପାଉଥିବା ବିଭିନ୍ନ ସାପ୍ତାହିକ, ପାକ୍ଷିକ ଓ ମାସିକ ସମ୍ବାଦପତ୍ରର ସମ୍ପାଦକମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରି ଶୁଭେଚ୍ଛା ଜଣାଇଛନ୍ତି । ଏହି ସମୟରେ ସାମ୍ବାଦିକମାନଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ବିଶେଷକରି ସମ୍ବାଦପତ୍ରଗୁଡ଼ିକୁ ବିଜ୍ଞାପନ ଓ ସ୍ୱାସ୍ଥ୍ୟବୀମା ସମ୍ପର୍କିତ ବିଷୟ ନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ରାଜ୍ୟର ୬ ହଜାରରୁ ଊର୍ଦ୍ଧ୍ୱ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟବୀମାର ପୁନଃ ନବୀକରଣ କରିବାପାଇଁ

ସାମ୍ବାଦିକମାନେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ମୁଖ୍ୟମନ୍ତ୍ରୀ ସମସ୍ତ ସମସ୍ୟା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

***BBSR/R***

# ସମବାୟ ବ୍ୟାଙ୍କ୍

ରାଜ୍ୟ ସମବାୟ ବ୍ୟାଙ୍କ୍ ପରିଚାଳନା ବୋର୍ଡ଼କୁ ସମବାୟ ରେଜିଷ୍ଟ୍ରାର୍ ଭଙ୍ଗ କରିଛନ୍ତି । ଏହାସହ ସମବାୟ ବିଭାଗ ସଚିବ ରାଜେଶ ପ୍ରଭାକର ପାଟିଲ୍‌ଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇଛି । ରାଜ୍ୟ ସମବାୟ ବ୍ୟାଙ୍କ୍ ସଭାପତିଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ପ୍ରମାଣିତ ହେବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

***Desk***

# ଆୟକର ରିଟର୍ଣ୍ଣ

୨୦୨୩-୨୪ ଆର୍ଥିକ ବର୍ଷପାଇଁ ଆୟକର ରିଟର୍ଣ୍ଣ ଦାଖଲ କରିବାର ଗତକାଲି ଶେଷ ଦିବସରେ ଗତକାଲି ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ୭ କୋଟିରୁ ଅଧିକ ରିଟର୍ଣ୍ଣ ଦାଖଲ ହୋଇଥିବା ଜଣାପଡ଼ିଛି । ଗତକାଲି ଗୋଟିଏ ଦିନରେ ୫୦ ଲକ୍ଷରୁ ଅଧିକ ରିଟର୍ଣ୍ଣ ଦାଖଲ କରାଯାଇଛି । ତେବେ ନିର୍ଦ୍ଧାରିତ ସମୟରେ ଆୟକର ରିଟର୍ଣ୍ଣ ଦାଖଲ ପାଇଁ କୌଣସି ଶୁଳ୍କ ଆଦାୟ କରାଯାଇ

ନାହିଁ । ଏହାପରେ ଟିକସଦାତାମାନେ ଡିସେମ୍ବର ୩୧ ପର୍ଯ୍ୟନ୍ତ ଅତିରିକ୍ତ ଦେୟ ପ୍ରଦାନ କରି ବିଳମ୍ବିତ ରିଟର୍ଣ୍ଣ ଦାଖଲ କରିପାରିବେ ।

***Desk***

## ଶିଶୁ ଦୃଷ୍ଟିହୀନତା

ଶିଶୁ ଦୃଷ୍ଟିହୀନତା ରୋକିବାପାଇଁ ଗ୍ରାମୀଣ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଅତ୍ୟାଧୁନିକ ଅକୁଲୋପ୍ଲାଷ୍ଟି ସେବା ବୃଦ୍ଧି କରିବା ତଥା ଚକ୍ଷୁ ବିଶେଷଜ୍ଞଙ୍କୁ ତାଲିମ ଦେବା ଲାଗି ଏମ୍ସ୍ ଭୁବନେଶ୍ୱରରେ ଆୟୋଜିତ ଓଡ଼ିଶା ରାଜ୍ୟ ଚକ୍ଷୁ ଚିକିତ୍ସା ସମିତିର ମଧ୍ୟବର୍ତ୍ତୀକାଳୀନ ବାର୍ଷିକ ଉତ୍ସବରେ ବିଶେଷଜ୍ଞମାନେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହି ଅବସରରେ ଗ୍ଲୁକୋମା ସମ୍ପର୍କରେ ବ୍ୟାପକ ସଚେତନତାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ମେଡିକାଲ୍ କଲେଜର ଡାକ୍ତରଙ୍କ ସମେତ ୨୩୦ ଚକ୍ଷୁ ବିଶେଷଜ୍ଞ ଅଂଶଗ୍ରହଣ କରିଥିଲେ ।

***Desk***

## ଭିତରକନିକା

କେନ୍ଦ୍ରାପଡ଼ାସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ ଆଜିଠାରୁ ପର୍ଯ୍ୟଟକଙ୍କପାଇଁ ଖୋଲାଯାଉଛି । ଗତ ମଇ ମାସ ପହିଲାରୁ କୁମ୍ଭୀରମାନଙ୍କ ପ୍ରଜନନ ଋତୁକୁ ଦୃଷ୍ଟିରେ ରଖି ପର୍ଯ୍ୟଟକଙ୍କ ପରିଦର୍ଶନ ବନ୍ଦ ରହିଥିଲା ।

ପର୍ଯ୍ୟଟକମାନେ ଭିତରକନିକା ମଧ୍ୟକୁ ପ୍ରବେଶ କରିବାକୁ ହେଲେ ପରିଚୟପତ୍ରକୁ ବାଧ୍ୟତାମୂଳକ କରାଯାଇଛି । ଚଳିତ ଥର ପର୍ଯ୍ୟଟକଙ୍କପାଇଁ କାଠନିର୍ମିତ ସ୍କାଏଓ୍ୱାକ୍ ନିର୍ମାଣ କରାଯାଇଛି । ଏହା ଉପରକୁ ଯାଇ ଜଙ୍ଗଲର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ । ଗୋଟିଏ ଥରରେ ୨୦ ଜଣ ପର୍ଯ୍ୟଟକଙ୍କୁ ଏହା ଉପରକୁ ଛଡ଼ାଯିବାକୁ ବନବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି ।

***Desk***

## ବିଶ୍ୱ ସ୍ତନ୍ୟପାନ ସପ୍ତାହ

ସ୍ତନ୍ୟପାନ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜିଠାରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁସାରେ ଜନ୍ମ ହେବାର ପ୍ରଥମ ମାସରେ ଶିଶୁର ସମସ୍ତ ପ୍ରକାର ଶକ୍ତି ଓ ପୋଷଣ ଆବଶ୍ୟକତା ମା’ କ୍ଷୀର ପୂରଣ କରିଥାଏ । ସ୍ତନ୍ୟପାନ ଶିଶୁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ବିଭିନ୍ନ ପ୍ରକାର ସଂକ୍ରମଣରୁ ରକ୍ଷା କରିଥାଏ । ସ୍ତନ୍ୟପାନ ସମ୍ପର୍କିତ ସମସ୍ତ ପ୍ରତିବନ୍ଧକକୁ ଦୂର କରିବା ତଥା ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି ।

***Desk***

# ଉଷୁ ଚାମ୍ପିୟନ୍‌ସିପ୍

ତାମିଲ୍‌ନାଡୁର କୋଏମ୍ବାଟୁର୍‌ରେ ଅନୁଷ୍ଠିତ ଜାତୀୟ କନିଷ୍ଠ ଉଷୁ ଚାମ୍ପିୟାନସିପ୍‌ରେ ଓଡ଼ିଶା ଦଳ ୧୨ଟି ପଦକ ବିଜୟୀ ହୋଇଛି । ଏଥିରେ ୨ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ୯ଟି କାଂସ୍ୟ ପଦକ ରହିଛି । ଏହି ପ୍ରତିଯୋଗିତାରେ ରାଜ୍ୟରୁ ୩୫ ଜଣ ଖେଳାଳି ଭାଗ ନେଇଥିଲେ ।

***BBSR/R***

# ପାଣିପାଗ

ଝାଡ଼ଖଣ୍ଡ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ସହ ସକ୍ରିୟ ମୌସୁମୀ ବାୟୁ ପ୍ରଭାବରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗିରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ, ଢେଙ୍କାନାଳ, କଟକ, ବୌଦ୍ଧ, ସୁବର୍ଣ୍ଣପୁର ଏବଂ ସମ୍ବଲପୁର ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ୧୬ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି ।

*****